୨୩ ଫେବୃଆରୀ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

ମୁସଲେହ୍ ମଉଦ୍ **ଭବିଷ୍ୟତ ବାଣୀର ସଂକ୍ଷିପ୍ତ ଚର୍ଚ୍ଚା, ହଜରତ ମୁସଲେହ୍ ମଉଦ [ର.ଅ]ଙ୍କର ଉଚ୍ଚାସନ ଏବଂ ପଦମର୍ଯ୍ୟାଦା ସଂକ୍ରାନ୍ତରେ ଅଣଅହେମଦିମାନଙ୍କ ମନ୍ତବ୍ୟ ତଥା ପାକିସ୍ତାନ, ୟମନ୍‌ର ଅହେମଦି ଏବଂ ଫିଲିସ୍ତିନବାସୀଙ୍କ ପାଇଁ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମୁଁ "ମୁସଲେହ୍ ମଉଦ୍" (ପ୍ରତିଶୃତ ସଂସ୍କାରକ) ଭବିଷ୍ୟତ ବାଣୀର କେତେକ ଦିଗ ଉପରେ ଆଲୋକପାତ କରିବି । ଯେପରିକି ପ୍ରତ୍ୟେକ ଅହେମଦି ଅବଗତ ଏବଂ ପ୍ରତିବର୍ଷ ଏହି ଭବିଷ୍ୟତ ବାଣୀ ପୂରଣ ହେବା ପରିପ୍ରେକ୍ଷୀରେ ଜମାଅତମାନଙ୍କରେ ଜଲ୍‌ସାର ଆୟୋଜନ ମଧ୍ୟ କରାଯାଇଥାଏ । ଏହା ୨୦ଫେବ୍ରୁଆରୀ ୧୮୮୬ମସିହାର ଭବିଷ୍ୟତ ବାଣୀ । ଯେଉଁଥିରେ ହଜରତ ମସିହ ମଉଦ [ଅ.ସ]ଙ୍କୁ ଏକ ଅନନ୍ୟ ସୁଗୁଣାବଳୀର ଅଧିକାରୀ ସୁପୁତ୍ରର ଭବିଷ୍ୟତ ବାଣୀ ପ୍ରଦାନ କରାଯାଇଥିଲା । କିନ୍ତୁ ଏଥିସଂକ୍ରାନ୍ତରେ ବର୍ଣ୍ଣନା କରିବା ପୂର୍ବରୁ ମୁଁ ପିଲା ଓ କେତେକ କିଶୋରମାନଙ୍କ ଏହି ପ୍ରଶ୍ନର ଉତ୍ତର ଦେବାକୁ ଚାହୁଁଛି, ଯାହାକି ସେମାନେ କରିଥାନ୍ତି କି ଯେତେବେଳେ ଆମେମାନେ ଜନ୍ମଦିନ ପାଳନ କରି ନଥାଉ ତେବେ ହଜରତ ମୁସଲେହ୍ ମଉଦ [ର.ଅ]ଙ୍କର ଜନ୍ମଦିନ କାହିଁକି ପାଳନ କରାଯାଉଛି ? ଏହି ପ୍ରସଙ୍ଗରେ ସ୍ପଷ୍ଟ ରହିଥାଉ ଯେ, ଏହା ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହେମଦ୍‌ଙ୍କର ଜନ୍ମତିଥି ନୁହେଁ ବରଂ ଏକ ଭବ୍ୟ ଭବିଷ୍ୟତ ବାଣୀ ପୂରଣ ହେବା ଯୋଗୁଁ ଆମେ ଜଲ୍‌ସା (ପାଳନ) କରିଥାଉ । ଜମାଅତ ଅହେମଦିୟାର ଦ୍ୱିତୀୟ ଖଲିଫା ତ ୧୮୮୬ମସିହା ଜାନୁଆରୀ ମାସ ୧୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତେଣୁ ପିତାମାତା ଏହି ଆଖ୍ୟାନ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରି ନିଜ ସନ୍ତାନମାନଙ୍କୁ ବୁଝାଇବା ଉଚିତ୍ ଯେ, "ମୁସଲେହ୍ ମଉଦ୍" ଭବିଷ୍ୟତ ବାଣୀର ପ୍ରସଙ୍ଗିକତା କ'ଣ । ଏହା ଏକ ମହାନ ଭବିଷ୍ୟତ ବାଣୀ ଯାହାକି ପୂର୍ବ ଆଲେଖ୍ୟ ଅନ୍ତର୍ଗତ ଯାହାର ପୂର୍ବ ଅବତାରମାନେ ସୂଚନା ପ୍ରଦାନ କରିଥିଲେ ଏବଂ ପୁନଶ୍ଚ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ [ସ.ଅ]ଙ୍କର ଭବିଷ୍ୟତ ବାଣୀ ଅନ୍ତର୍ଗତ ଅଲ୍ଲାଃତାଲା ଏହି ଘୋଷଣା କରିବାକୁ ହଜରତ ମସିହ ମଉଦ [ଅ.ସ]ଙ୍କୁ ଆଦେଶ ଦେଇଥିଲେ ।

ଏହା ଏକ ସୁଦୀର୍ଘ ଭବିଷ୍ୟତ ବାଣୀ । ଏହି ଭବିଷ୍ୟତ ବାଣୀରେ ସେହି ସର୍ବଗୁଣ ସମ୍ପନ୍ନ ଓ ଚମତ୍କାରୀ ପୁତ୍ରର ବୈଶିଷ୍ଟ୍ୟ ବର୍ଣ୍ଣନା କରାଯାଇଛି । ସେଥିମଧ୍ୟରୁ ଏଠାରେ ମୁଁ ଗୋଟିଏ ଦୁଇଟିର ଚର୍ଚ୍ଚା କରି ଦେଉଛି । ଆପଣ କହିଲେ; ସେ ଅତ୍ୟନ୍ତ ବୁଦ୍ଧିମାନ ଓ ବିଚକ୍ଷଣ ବାଳକ ହେବ । **ସେ ଭୌତିକ ଓ ଦୈବିକ ଜ୍ଞାନରେ ପରିପୂର୍ଣ୍ଣ ହୋଇଥିବ । ସେ କଏଦୀମାନଙ୍କର ମୁକ୍ତିଦାତା ହେବ ।** ଏହା ସେହି ସୁଦୀର୍ଘ ସୁଗୁଣାବଳୀ ସୂଚୀରୁ କିଞ୍ଚିତ ମାତ୍ର । ପୁନଶ୍ଚ ଆମେ ଦେଖିଥାଉ ଯେ, ଦର୍ଶା ଯାଇଥିବା ଅବଧି ମଧ୍ୟରେ ସେହି ବିଶିଷ୍ଟ ପୁତ୍ର ଜନ୍ମଗ୍ରହଣ କଲା ଏବଂ ଉକ୍ତ ଭବିଷ୍ୟତ ବାଣୀ ମୁତାବକ ସମସ୍ତ ୫୦/୫୨ ଗୋଟି ସୁଗୁଣର ଅଧିକାରୀ ହେଲା । ହଜରତ ମୁସଲେହ୍ ମଉଦ [ର.ଅ]ଙ୍କର ଖିଲାପତ୍ କାଳର ପ୍ରତିଟି ଦିନର ଉଇଁଲା ସୂର୍ଯ୍ୟ ଏହି ଭବିଷ୍ୟତ ବାଣୀକୁ ବେଶ ଭବ୍ୟତାର ସହ ପ୍ରତିପାଦିତ କରୁଅଛି । ଜମାଅତ

ଅହେମଦିୟା ଉନ୍ନତିର ପ୍ରତିଟି ଦିନ ତାହାର ଜ୍ୱଳନ୍ତ ପ୍ରମାଣ । ଏହି ଭବିଷ୍ୟତ ବାଣୀ ପ୍ରସଙ୍ଗରେ ମୁଁ କେତେକ ନ୍ୟାୟବନ୍ତ ବ୍ୟକ୍ତିମାନଙ୍କ ସାକ୍ଷ୍ୟ ଉପସ୍ଥାପନ କରୁଅଛି ଯାହାଙ୍କର ଆମ ଜମାଅତ ସହ କୌଣସି ସମ୍ପର୍କ ନାହିଁ ଏବଂ ସେମାନେ ଏସିଆ ମହାଦେଶର ସୁପ୍ରସିଦ୍ଧ ଓ ସୁପରିଚିତ ବ୍ୟକ୍ତିତ୍ୱ ।

ମୌଲାନା ଗୁଲାମ ରସୁଲ ସାହେବ ମେହର୍ ଯେ ଏକାଧାରାରେ ଜଣେ ଗବେଷକ, ନ୍ୟାୟବନ୍ତ, ସାହିତ୍ୟିକ, ଇତିହାସବିତ୍ ଓ ଦାର୍ଶନିକ । ଏକଦା ସେ ମହାଶୟ ଶେଖ୍ ଅବଦ୍ଧୁଲ୍ ମାଜିଦ୍ ସାହେବଙ୍କୁ କହିଲେ; ଆପଣମାନଙ୍କ ପୁସ୍ତକରେ ସେହି ମହାନ ବ୍ୟକ୍ତିଙ୍କ ମହତପୂର୍ଣ୍ଣ କାର୍ଯ୍ୟାବଳୀର ସଂପୂର୍ଣ୍ଣ ବିବରଣୀ ମିଳୁ ନାହିଁ । ଆମେ ତାଙ୍କୁ ଖୁବ୍ ନିକଟରୁ ଦେଖିଛୁ, ଅନେକ ଥର ତାଙ୍କ ସହ ସାକ୍ଷାତ ମଧ୍ୟ କରିଛୁ । ଇସଲାମ ଧର୍ମାବଲମ୍ବୀଙ୍କ ସକାଶେ ତାଙ୍କ ଅସ୍ତିତ୍ୱ ପୂର୍ଣ୍ଣ ରୂପେ ଉତ୍ସର୍ଗୀତ ଥିଲା । ସାମ୍ପ୍ରଦାୟିକ ଇର୍ଷା ପରାୟଣତା ମୁଁ ତାଙ୍କ ଠାରେ କିଞ୍ଚିତ ମାତ୍ର ଦେଖିବାକୁ ପାଇ ନାହିଁ । ସେ ଜଣେ ମହାନ ପଣ୍ଡିତ ଓ ଅପାର ବୁଦ୍ଧିଜ୍ଞାନର ଅଧିକାରୀ ଥିଲେ । ଦୁଃଖଦ ମୁସଲମାନମାନେ ମିର୍ଜା ସାହେବଙ୍କର ପଦମର୍ଯ୍ୟାଦାକୁ ବୁଝି ପାରିଲେ ନାହିଁ । ଓଲଟା ତାଙ୍କର ଭୀଷଣ ବିରୁଦ୍ଧାଚରଣ କରି ମଧ୍ୟ ତାଙ୍କୁ କଦାପି ଦୁଃଖ, ମନସ୍ତାପ ଓ ନିଜ ଉଦ୍ଦେଶ୍ୟରେ ଶୀତଳ ପଡ଼ିଯିବାର ଅବଲୋକନ କରି ନଥିଲେ ।

ଲାଲା ଭିମ ସିଂହଙ୍କର ସୁପୁତ୍ର ଶ୍ରୀମାନ ଲାଲା କନଓ୍ୱର ସିଂହ ସାହେବ ଯେ କି କାଶ୍ମିରର ପୂର୍ବତନ ମୁଖ୍ୟ ବିଚାରପତୀ, ହଜରତ ମୁସଲେହ୍ ମଉଦ [ର.ଅ]ଙ୍କର ଅଭିଭାଷଣ 'ସକଳ ଭାଷାଭାଷୀ ମଧ୍ୟରେ ଆରବୀ ଭାଷାର ସ୍ଥାନ (ଶ୍ରେଷ୍ଠତା)' ପ୍ରସଙ୍ଗରେ ନିଜ ବକ୍ତୃତାରେ କହିଲେ; ଯେଉଁ ଅଭିଭାଷଣ ଉପସ୍ଥାପନ କରାଯାଇଛି ତାହା ଅତ୍ୟନ୍ତ ବୁଦ୍ଧିଜ୍ଞାନ ସମ୍ପନ୍ନ ଓ ଦର୍ଶନ ଭିତ୍ତିକ । **ମୋର ଆଶା ଏହି ଅଭିଭାଷଣର ପ୍ରଭାବ ଦୀର୍ଘକାଳ ପର୍ଯ୍ୟନ୍ତ ମୋ ହୃଦୟରେ ଉଜ୍ଜିବିତ ରହିବ ।** ହଜରତ ମୁସଲେହ୍ ମଉଦ[ର.ଅ] ତ ସାଂସାରିକ ଶିକ୍ଷା ହାସଲ କରିବା ଦୃଷ୍ଟିରୁ ମାତ୍ର ମାଧ୍ୟମିକ ଶିକ୍ଷା ମଧ୍ୟ ସମ୍ପୂର୍ଣ୍ଣ କରିପାରି ନଥିଲେ । ଏତଦ୍ ବ୍ୟତିରେକ ଅଲ୍ଲାଃତାଲା ନିଜ ପ୍ରତିଶୃତ ମୁତାବକ ତାଙ୍କୁ ଏଭଳି ଜ୍ଞାନର ମହାସମୁଦ୍ରରେ ବିଭୂଷିତ କରିଥିଲେ, ଯାହାର ପରମାନେ ମଧ୍ୟ ପ୍ରଶଂସା ନକରି ରହି ନଥାନ୍ତି ।

ହଜରତ ମୁସଲେହ୍ ମଉଦ[ର.ଅ] ଖଲିଫା ହେବାର କିଛିଦିନ ପରେ ହିଁ ଜଣେ ଆମେରିକୀୟ ପାଦ୍ରୀ କାଦିୟାନ ଆସିଲେ । ଆଉ କିଛି ବିଶେଷ ଧାର୍ମିକ ପ୍ରଶ୍ନ ଉପସ୍ଥାପନ କରି କହିଲେ; ଆଜି ପର୍ଯ୍ୟନ୍ତ ମୋତେ ମୁସଲମାନମାନଙ୍କର ବଡ଼ରୁ ବଡ଼ ବିଦ୍ୱାନ ଏହାର ସାନ୍ତ୍ୱନା ମୂଳକ ଉତ୍ତର ଦେଇ ପାରିଲେ ନାହିଁ । ମୁଁ ସେହି ପ୍ରଶ୍ନଗୁଡ଼ିକ ଆପଣଙ୍କ ଖଲିଫାଙ୍କୁ ପଚାରିବା ପାଇଁ ବିଶେଷ କରି ଏଠାକୁ ଆସିଛି । ହଜରତ ମୁସଲେହ୍ ମଉଦ[ର.ଅ] ପୂର୍ଣ୍ଣ ଆଶ୍ୱସ୍ତତାର ସହିତ ସେ ସମସ୍ତ ପ୍ରଶ୍ନଗୁଡ଼ିକର ଏଭଳି ସୁନ୍ଦର ଓ ସାନ୍ତ୍ୱନା ମୂଳକ ଉତ୍ତର ଦେଲେ ଯେ, ସେହି ପାଦ୍ରୀ ଜଣକ କହିଲେ; **ଆଜି ପର୍ଯ୍ୟନ୍ତ ଏପରି ଯଥୋଚିତ ଓ ପ୍ରମାଣ ଭିତ୍ତିକ ଉତ୍ତର କୌଣସି ମୁସଲମାନ ମୁଖରୁ ମୁଁ ଶୁଣି ନଥିଲି ।** ଜଣା ପଡୁଛି ତୁମର ଖଲିଫା ଜଣେ ମହାନ ପଣ୍ଡିତ ଏବଂ ବିଶ୍ୱର ବିବିଧ ଧର୍ମ ଉପରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ରହିଛି । ଏହା କହି ସେ ଅତି ଭଦ୍ରତାର ସହ ହଜରତ ମୁସଲେହ୍ ମଉଦ [ର.ଅ]ଙ୍କର ହସ୍ତକୁ ଚୁମ୍ବନ କରିବା ପରେ ଏଠାରୁ ଫେରି ଯାଇଥିଲେ ।

ଖବରକାଗଜ 'ରାଜତନ୍ତ୍ର' ଏହି ଖବର ପ୍ରକାଶ କଲା କି ମତଭେଦର ପ୍ରସଙ୍ଗକୁ ଅଲଗା ରଖି ଦେଖିଲେ ଶ୍ରୀମାନ ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହେମଦ୍ ସାହେବ ଲିପିକଳାର ମଇଦାନରେ ଯେଉଁ ଅସାଧାରଣ କାର୍ଯ୍ୟ ସମ୍ପାଦନ କରିଛନ୍ତି, ତାହା ସ୍ଥୁଳ ଓ ଲାଭଦାୟକ ଦୃଷ୍ଟିରୁ ପ୍ରଶଂସା ଯୋଗ୍ୟ ।

ମୌଲାନା ମୁହମ୍ମଦ ଅଲୀ ଜୋହରୀ ସାହେବ ଗୋଲ ଟେବୁଲ୍ କନ୍‌ଫରେନସ୍ (ଗୋଲମେଜ୍ ବୈଠକ) ଲଣ୍ଡନ ପ୍ରସଙ୍ଗରେ ନିଜ ଖବରକାଗଜ 'ହମଦରଦ୍'ରେ ଲେଖିଲେ ଅକୃତଜ୍ଞତା ଓ ଅନାଦର ହେବ ଯଦି ଶ୍ରୀମାନ ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହେମଦ୍ ସାହେବ ଓ ତାଙ୍କର ଏହି ସୁଶଙ୍ଗଠିତ ଜମାଅତର ଚର୍ଚ୍ଚା (ପ୍ରଶଂସା) ନକରାଯାଏ । ଯେ ନିଜର ସମସ୍ତ ପ୍ରୟାସ ଓ କାର୍ଯ୍ୟକୁଶଳତା ପାରସ୍ପରିକ ଧାର୍ମିକ ଆସ୍ଥାରେ ମତପାର୍ଥକ୍ୟ ସତ୍ତ୍ୱେ ସମସ୍ତ ମୁସଲମାନ ସମ୍ପ୍ରଦାୟର

ସର୍ବାଙ୍ଗିନ ଉନ୍ନତି ଓ ବିକାଶ ନିମନ୍ତେ ସମର୍ପିତ ଥିଲେ । ଏହି ମହାଶୟଗଣ ସେତେବେଳେ ଯଦି ଗୋଟିଏ ପାର୍ଶ୍ୱରେ ମୁସଲମାନମାନଙ୍କ ରାଜନୈତିକ ପ୍ରସଙ୍ଗରେ ଆଗ୍ରହିତ ଅଛନ୍ତି ତାହାର ଅପର ପାର୍ଶ୍ୱରେ ମୁସଲମାନ ସମ୍ପ୍ରଦାୟର ପ୍ରଚାର ପ୍ରସାର ଓ ବୈଶୟିକ କ୍ଷେତ୍ରରେ ଅତ୍ୟନ୍ତ ମନୋଯୋଗର ସହ ଅହରହ ଉଦ୍ୟମରତ । ମନେରଖ ସେହି ସମୟ ବେଶି ଦୂର ନାହିଁ ଯେତେବେଳେ ଏହି ସୁଶଙ୍ଗଠିତ ଜମାଅତର କାର୍ଯ୍ୟକଳାପ ଇସଲାମର ମହତପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ବିଶେଷ ଭାବରେ ଏବଂ ସେହି ଲୋକମାନଙ୍କ ସକାଶେ (ଯେ ବଡ଼ ବଡ଼ ମଞ୍ଚ ଉପରେ ବସି ସମ୍ପ୍ରଦାୟର ମହାନାୟକ ସାଜି ଉଚ୍ଚ ସ୍ୱରରେ ଦାବି କରୁଛନ୍ତି କିନ୍ତୁ ଅଭ୍ୟନ୍ତରରେ ସେମାନେ ଅତ୍ୟନ୍ତ ନୀଚ ଓ ଅସଭ୍ୟ ଘୋଷଣା) ସାଧାରଣ ରୂପେ ଏକ ଅନୁକରଣୀୟ ମାର୍ଗ ସାବ୍ୟସ୍ତ ହେବ ।

ଡ଼ାଃ ଅଲାମା ମୁହମ୍ମଦ ଇକ୍‌ବାଲ ପ୍ରସଙ୍ଗରେ ଏକଥା ମଧ୍ୟ ଲିପିବଦ୍ଧ ରହିଛି ଯେ, ୨୪ମାର୍ଚ୍ଚ ୧୯୨୭ରେ ଲାହୋର ଠାରେ ଏକ ଜଲ୍‌ସା (ଧର୍ମସମ୍ମିଳନୀ) ଅନୁଷ୍ଠିତ ହେଲା ଏବଂ ଅଲ୍ଲାମା ଇକ୍‌ବାଲ ତାହାର ଅଧକ୍ଷତା କରୁଥିଲେ । ହଜରତ ମୁସଲେହ୍ ମଉଦର.ଅ ସେଠାରେ ଅଭିଭାଷଣ ଦେଲେ ସେଥିଅନ୍ତେ ଅଧକ୍ଷ ମୋହଦୟ ନିଜ ଉଦ୍‌ବୋଧନରେ କହିଲେ; ଏପରି ବକ୍ତୃତା ବହୁକାଳ ପରେ (ଏଠାରେ) ଶୁଣିବାକୁ ମିଳିଲା । ବିଶେଷ କରି ପବିତ୍ର କୁରଆନର ଆୟତ ମାଧ୍ୟମରେ ମିର୍ଜା ସାହେବ ଯେଉଁ ଅନନ୍ୟ ତଥ୍ୟ ଉପସ୍ଥାପନ କଲେ, ତାହା ଅତିଶୟ ଦୀପ୍ତିପ୍ରଦ ଓ ଶିକ୍ଷଣୀୟ । **ମୁଁ ନିଜ ଅଭିଭାଷଣକୁ ସୁଦୀର୍ଘ କରିବି ନାହିଁ, ଯଦ୍ୱାରା ମୋତେ ସେହି ଅଭିଭାଷଣରୁ ଯେଉଁ ସ୍ୱାଦ ଲାଭ ହୋଇଛି, ତାହା ପ୍ରଶମିତ ହୋଇ ନଯାଉ ।**

ହଜରତ ମୁସଲେହ୍ ମଉଦର.ଅ ୧୯୧୯ମସିହାରେ ଲାହୋର ଠାରେ ଏକ (ଜଲସାରେ) କାଳଜୟୀ ବକ୍ତୃତା "ଇସଲାମ୍ ମେ ଇଖତେଲାଫାତ୍ କା ଆଗାଜ୍" ଉପସ୍ଥାପନ କରିଥିଲେ । ସୟଦ୍ ଅବ୍ଦୁଲ୍ କାଦିର୍ ସାହେବ ପ୍ରିନସ୍‌ପାଲ୍ ଇସଲାମିୟା କଲେଜ ଲାହୋର, ନିଜ ସମାପନ ଅଭିଭାଷଣରେ କହିଲେ; ଏହି ବକ୍ତୃତା ଅତ୍ୟନ୍ତ ଜ୍ଞାନବର୍ଦ୍ଧକ । ମୋର ମଧ୍ୟ ଇସଲାମୀୟ ଇତିହାସ ପ୍ରସଙ୍ଗରେ ବିଶେଷ କିଛି ଧାରଣ ତ ନାହିଁ ତଥାପି ମୁଁ ଦାବି କରି କହିପାରିବି ଯେ, କ'ଣ ମୁସଲମାନ ଅବା ଅଣମୁସଲମାନ ଖୁବ୍ କମ୍ ଐତିହାସିକ ଅଛନ୍ତି ଯେ ହଜରତ ଉସମାନ୍ ର.ଅଙ୍କ ଖିଲାଫତ୍ କାଳରେ ଘଟିଥିବା ବିଶୃଙ୍ଗଳା ଓ ବିଦ୍ରୋହର ରସାତଳ ପର୍ଯ୍ୟନ୍ତ ପହଞ୍ଚିଛନ୍ତି ଏବଂ ଏହି ବିଧ୍ୱଂସକାରୀ ଓ ସର୍ବପ୍ରଥମ ଗୃହଯୁଦ୍ଧର ମୂଳ କାରଣକୁ ବୁଝିବାରେ ସଫଳ ହୋଇଛନ୍ତି । ହଜରତ ମିର୍ଜା ସାହେବ କେବଳ ସେହି ଗୃହଯୁଦ୍ଧର ମୂଳ ହେତୁକୁ ବୁଝିବାରେ ସଫଳ ହୋଇ ନାହାନ୍ତି ବରଂ ସେ ଅତ୍ୟନ୍ତ ସ୍ୱଷ୍ଟ ଓ କ୍ରମାନ୍ୱୟରେ ଘଟିଥିବା ଘଟଣାମାନ ବର୍ଣ୍ଣନା କରିଛନ୍ତି । ଯେଉଁ କାରଣ ବଶତଃ ଖିଲାଫତ୍‌ର ପବିତ୍ର ଦୈବିପ୍ରାସାଦ ଦୀର୍ଘକାଳ ପର୍ଯ୍ୟନ୍ତ ଅଧୋପତନ ରହିଥିଲା । ମୋ ମତରେ ଏପରି ପ୍ରମାଣ ଭିତ୍ତିକ ସନ୍ଦର୍ଭ ଇସଲାମୀୟ ଇତିହାସ ପ୍ରତି ରୁଚି ରଖୁଥିବା ଲୋକମାନଙ୍କୁ (ପୂର୍ବରୁ କଦାପି) ଦୃଷ୍ଟିଗୋଚର ହୋଇ ନଥିବ ।

ଶିରିୟା ଦେଶର ପ୍ରମୁଖ ପତ୍ରିକା 'ଅଲ୍ ଇମରାନ୍' ନିଜ ୧୦ଅଗଷ୍ଟ ୧୯୨୪ମସିହାର ସଂସ୍କରଣରେ ଶିର୍ଷକ "ମେହଦୀ ଓ ଦମିଶକ୍"ରେ ପ୍ରକାଶ କଲା ଯେ, ଆପଣଙ୍କୁ ଅତି ସୂକ୍ଷ୍ମ ଗବେଷଣାକାରୀ ବିଦ୍ୱାନ ଓ ସର୍ବଧର୍ମର ଇତିହାସ ତଥା ଦର୍ଶନର ଗଭୀର ମନ୍ଥନ କରୁଥିବା ଏବଂ ପ୍ରଭୁଙ୍କ ଧର୍ମବିଧାନର ପ୍ରାସଙ୍ଗିକତା ଓ ତାହାର ଗହ୍ୱର ତତ୍ତ୍ୱରେ ଗୋତା ମାରୁଥିବା ବ୍ୟକ୍ତି ରୂପେ ପାଇଲି ।

ସୁପ୍ରସିଦ୍ଧ ସାମ୍ବାଦିକ ଓ ସୁପରିଚିତ ରାଜନେତା ମିଆଁ ମୁହମ୍ମଦ ସୁଫି ହଜରତ ମୁସଲେହ୍ ମଉଦ ର.ଅଙ୍କର ଦେହାନ୍ତରେ ସମ୍ବର୍ଦ୍ଧନା ପୂର୍ବକ ଲେଖିଲେ ମିର୍ଜା ମେହମୁଦ୍ ଅହେମଦ ଖିଲାଫତ୍‌ର ଆସନରେ ବିରାଜିତ ହେବା ପରେ ଯେପରି ନିଜ ଜମାଅତର ବ୍ୟବସ୍ଥାକୁ ସୁଦୃଢ଼ ଓ ସଦର ଅଞ୍ଜୁମନ୍ ଅହେମଦିୟାକୁ ସୁସଙ୍ଗଠିତ ତଥା ଶୃଙ୍ଗଳିତ କରିଥିଲେ, **ସେଥିରୁ ତାଙ୍କ ସାଙ୍ଗଠନକି ଦକ୍ଷତା ଓ ପାରଙ୍ଗମତା ପ୍ରତିପାଦିତ ହେଉଛି ।** ଯଦିଚ ତାଙ୍କ ନିକଟରେ କୌଣସି ବିଶ୍ୱବିଦ୍ୟାଳୟର ଡ଼ିଗ୍ରୀ ନଥିଲା ତଥାପି ସେ ବେସରକାରୀ ସ୍ତରରେ ଅଧ୍ୟୟନ କରି ନିଜକୁ ଜଣେ ମହାନ

ଜ୍ଞାନୀ ବୋଲି ପ୍ରମାଣିତ କରାଇ ପାରିଥିଲେ । ମିର୍ଜା ସାହେବ ଜଣେ ଅତି ଭଦ୍ର, ସଭ୍ୟ ଓ ପରିମାର୍ଜିତ ଲିପିକାର ଥିଲେ ଏବଂ ପ୍ରତ୍ୟେକ ଅବସରରେ ନିଜ ଲେଖନିର ଏପରି ସୁନ୍ଦର ବ୍ୟବହାର କରୁଥିଲେ ଯଦ୍ୱାରା ଜମାଅତର ଉନ୍ନତିର ମାର୍ଗ ଉନ୍ମୁକ୍ତ ହେବ ।

ହଜରତ ମୁସଲେହ୍ ମଉଦ ର.ଅ ଙ୍କର ବିଭିନ୍ନ ପ୍ରବନ୍ଧ ଦ୍ୱାରା ଜମାଅତକୁ ବିଶେଷ ଭାବରେ ଓ ମୁସଲମାନମାନଙ୍କୁ ସାଧାରଣତଃ ମାର୍ଗ ଦର୍ଶନ (ଲାଭ) ହୋଇଥାଏ । ତାଙ୍କ ଲିଖିତ ପୁସ୍ତକ ଅନେକ ଖଣ୍ଡରେ ପର୍ଯ୍ୟବସିତ । ତାଙ୍କ ପ୍ରଦତ୍ତ ଖୁତ୍‌ବା ଯାହାକି ପ୍ରକାଶିତ, ଆଉ କେତେକ ଅପ୍ରକାଶିତ ଅଭିଭାଷଣ ଓ ବକ୍ତୃତାରେ ପବିତ୍ର କୁରଆନର ବ୍ୟାଖ୍ୟା ମଧ୍ୟ ରହିଛି । ସେଗୁଡ଼ିକ ଇନ୍‌ଶାଅଲ୍ଲାଃ ପ୍ରକାଶିତ ହୋଇଯିବ । ତାଙ୍କ ଦ୍ୱାରା ରଚନା ଅନେକ ପୁସ୍ତକ ଇଂଗ୍ରାଜୀ ଭାଷାରେ ପ୍ରକାଶିତ ହୋଇ ସାରିଲାଣି । **ଯେଉଁମାନଙ୍କୁ ଉର୍ଦ୍ଦୁ ଭାଷା ଜଣା ନାହିଁ ସେମାନଙ୍କୁ ସେହି (ଇଂଗ୍ରାଜୀ) ଅନୁବାଦରୁ ମଧ୍ୟ ଉପକୃତ ହେବା ଉଚିତ୍ ।** ଅଲ୍ଲାଃତାଲା ଆମ ସମସ୍ତଙ୍କୁ ସେହି ଜ୍ଞାନ ରୂପକ ଅକାତ ମହାସମୁଦ୍ରରୁ ଉପକୃତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ ।

ମହାମହିମ ହଜୁର ଅନଓ୍ୱରଅ.ବ କହିଲେ; ସମ୍ପ୍ରତି ପାକିସ୍ତାନରେ ଜମାଅତ ବିରୁଦ୍ଧରେ ଆଉ ଏକ ବିରୋଧର ଲହରୀ ଆରମ୍ଭ ହୋଇଯାଇଛି । ରାଜନେତା ଓ ମୌଲବୀମାନେ ଯେ ନିବାର୍ଚନରେ ହାରି ଯାଇଛନ୍ତି ଅଥବା ନିଜ ଆଶାନୁରୂପ ପରିଣାମ ସେମାନଙ୍କୁ ମିଳି ନାହିଁ, ସେମାନଙ୍କର ଏକ ସଂଖ୍ୟା ଗରିଷ୍ଠ ଦଳ ଦେଶରେ ବିଶୃଙ୍ଖଳା ସୃଷ୍ଟି କରିବା ସକାଶେ ଅହେମଦିମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ଏଥିନିମନ୍ତେ ଯେଉଁସ୍ଥଳେ ଅହେମଦିମାନେ ସଜାଗ ସତର୍କ ରହିବା ଉଚିତ୍ ସେହିସ୍ଥଳେ ଦୁଆ ଓ ସଦ୍‌କା ପ୍ରତି ଅଧିକ ମନଯୋଗ କରିବା ଉଚିତ୍ । ଅଲ୍ଲାଃତାଲା ଅହେମଦିମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆମିନ୍ ।

ୟମନ୍‌ର ଅହେମଦିମାନଙ୍କ ସକାଶେ ମଧ୍ୟ ଦୁଆ ଜାରି ରଖିବେ । ଅଲ୍ଲାଃତାଲା ସେମାନଙ୍କ ପାଇଁ ସହଜ ସରଳ ମାର୍ଗ ଉନ୍ମୁକ୍ତ କରି ଦିଅନ୍ତୁ । ସେମାନଙ୍କ ମଧ୍ୟରୁ ଅନେକ କାରାଗାରରେ କାଳତିପାତ କରୁଛନ୍ତି । ଅଲ୍ଲାଃତାଲା ଖୁବ୍ ଶୀଘ୍ର ସେମାନଙ୍କୁ କାରା ମୁକ୍ତ କରାନ୍ତୁ । ଫିଲିସ୍ତନ୍‌ବାସୀଙ୍କ ପାଇଁ ମଧ୍ୟ ଦୁଆ ଅବ୍ୟାହତ ରଖିବେ, ଅଲ୍ଲାଃତାଲା ସେମାନଙ୍କ ସହିତ ଦୟା ପରବେଶ ହୁଅନ୍ତୁ ଏବଂ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ଅନ୍ୟାୟ ଅତ୍ୟାଚାରରୁ ତାଙ୍କୁ ମୁକ୍ତି ପ୍ରଦାନ କରନ୍ତୁ । ପରିଶେଷରେ ମହାମାନ୍ୟ ହଜୁର ଅନଓ୍ୱରଅ.ବ ଘାନା (ଆଫ୍ରିକା) ଜମାଅତ ଗଠନ ହେବାକୁ ୧୦୦ବର୍ଷ ପୂର୍ତ୍ତି ହେବା ଅବସରରେ ସେଠାରେ ଶତବାର୍ଷିକ ଧର୍ମସମ୍ମିଳନୀ ସଫଳତା ପୂର୍ବକ ଅନୁଷ୍ଠିତ ହେବା ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଇଲେ । ଅଧିକନ୍ତୁ କହିଲେ; ଇନ୍ନଶାଅଲ୍ଲାଃ ଏଠାରୁ ଉକ୍ତ ଧର୍ମସମ୍ମିଳନୀର ଉଦ୍‌ଯାପନି ଅଧିବେଶନର ସିଧା ପ୍ରସାରଣ ହେବ । ଅଲ୍ଲାଃତାଲା ପ୍ରତ୍ୟେକ ଦିଗରୁ ଏହି ଜଲସାକୁ କଲ୍ୟାଣମୟ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।